**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**16 July - 2024**

**News Editor : *Itishree Singh Rathaur***

# ବାହୁଡ଼ା

ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦୀରେ ନବଦିନାତ୍ମକ ଯାତ୍ରା ଶେଷକରି ଗତକାଲି ଶ୍ରୀଜୀଉମାନେ ଶ୍ରୀମନ୍ଦିର ବାହୁଡ଼ିଛନ୍ତି । ଶ୍ରୀମନ୍ଦିର ସମ୍ମୁଖରେ ତିନିରଥ ପହଞ୍ଚିବା ସହ ଗତକାଲି ଶାନ୍ତିଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା ସମାପନ ହୋଇଛି । ରଥାରୁଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ସିଂହଦ୍ୱାର ସମ୍ମୁଖରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି । ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ଆସନ୍ତାକାଲି ମହାପ୍ରଭୁଙ୍କର ସୁନାବେଶ ଅନୁଷ୍ଠିତ ହେବ ।

# ମୁଖ୍ୟମନ୍ତ୍ରୀ–ସମୀକ୍ଷା ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ଗତକାଲି ଓଡ଼ିଶା ସହିତ ଜଡ଼ିତ ବିଭିନ୍ନ ଆନ୍ତଃରାଜ୍ୟ ଜଳସେଚନ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି । ବୈଠକରେ ମହାନଦୀ, ବଂଶଧାରା, ପୋଲାଭରମ ଆଦି ଆନ୍ତଃରାଜ୍ୟ ପ୍ରକଳ୍ପ ସଂପର୍କରେ ଆଲୋଚନା ହୋଇଥିଲା । ରାଜ୍ୟବାସୀଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଥିବା ତଥା ରାଜ୍ୟର ପରିବେଶ ପ୍ରତି ବିପଦ ସୃଷ୍ଟି କରୁଥିବା ପ୍ରକଳ୍ପ ଗୁଡ଼ିକୁ ବିରୋଧ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ଦକ୍ଷତା ଦିବସ

ରାଜ୍ୟକୁ ଦକ୍ଷ ମାନବ ସମ୍ବଳର କେନ୍ଦ୍ର ଭାବେ ପରିଣତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଦକ୍ଷତା ବିକାଶ ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରସ୍ଥିତ ଓ୍ୱାର୍ଲଡ ସ୍କିଲ୍ ସେଣ୍ଟରରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଆଗାମୀ ବଜେଟ୍‌ରେ ଦକ୍ଷତା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ଉପରେ ଗୁରୁତ୍ୱ ଦିଆଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆତିଥେୟତା କ୍ଷେତ୍ରରେ ପ୍ରଶିକ୍ଷଣ ପାଇଁ ରାଜ୍ୟରେ ପ୍ରଥମ କୌଶଳ ଭବନର ଉଦ୍‌ଘାଟନ କରିଥିଲେ । ଏହା ସହ ଆଉ ୯ଟି କୌଶଳ କେନ୍ଦ୍ର ଖୋଲାଯିବ ବୋଲି ଘୋଷଣା କରିଥିଲେ । ସେହିଭଳି ଦକ୍ଷତାରେ ଗୁଣବତ୍ତା ହାସଲ କରି ଯୁବବର୍ଗଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ **ସି.ଏମ୍. ଆସ୍ୱାୟାର୍** ଯୋଜନାର ଘୋଷଣା କରାଯାଇଛି ।

# ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ଜନ ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ କେବଳ ଭୁବନେଶ୍ୱରରେ ସୀମିତ ନ ରଖି ଆର୍‌ଡିସି ସ୍ତରରେ ଶୁଣାଣି ପାଇଁ ବିଚାର କରାଯାଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  କହିଛନ୍ତି । ଜନଅଭିଯୋଗ ଗୁଡ଼ିକର ଗତକାଲି ଶୁଣାଣି ଅବସରରେ ଜିଲ୍ଲାସ୍ତରରେ ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ ସୁଦୃଢ଼ ଓ ଦକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଯେଉଁ ଅଭିଯୋଗ ଗୁଡ଼ିକର ଶୀଘ୍ର ଫଇସଲା

ହେବା ସମ୍ଭବ, ସେଗୁଡ଼ିକ ଉପରେ ତୁରନ୍ତ ନିଷ୍ପତ୍ତି ନେଇ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେ ପରାମର୍ଶ ଦେଇଛନ୍ତି ।

---

## ମୁଖ୍ୟ ଶାସନ ସଚିବ

ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଗତକାଲି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

ସେହିଭଳି ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ରବି କାନ୍ତ ଓଡ଼ିଶା ଫେରିଛନ୍ତି । ନୂଆଦିଲ୍ଲୀରେ ଆବାସିକ କମିଶନର ଭାବେ କାର୍ଯ୍ୟରତ ରବିକାନ୍ତଙ୍କୁ ଗୃହ ବିଭାଗର ଓଏସ୍‌ଡି ଭାବେ ନୂଆ ନିଯୁକ୍ତି ମିଳିଛି ।

ଅପରପକ୍ଷେ ୧୯୯୭ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଡି.ଏସ୍. କୁଟେଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇ ତାଙ୍କୁ ଗୃହ ବିଭାଗର ଓଏସ୍‌ଡି ନିଯୁକ୍ତ କରାଯାଇଛି । ଏ ନେଇ ଗୃହ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବିଜ୍ଞପ୍ତି ପ୍ରକାଶ ପାଇଛି ।

---

## କୋଇଲାଖଣି

ଅନୁଗୁଳ ଜିଲ୍ଲାର ୩ଟି ଖଣିକୁ ନେଇ କୋଇଲା ମନ୍ତ୍ରଣାଳୟ ପକ୍ଷରୁ କୋଇଲାଖଣି ବିକାଶ ଏବଂ ଉତ୍ପାଦନ ରାଜିନାମା ସ୍ୱାକ୍ଷରିତ ହୋଇଛି ।

ସୂଚନା ଅନୁସାରେ ମାଛକଟା, କୁଡ଼ାନାଳି ଏବଂ ସାକ୍ଷୀଗୋପାଳ-ବି ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି । ଏଥିରୁ ବାର୍ଷିକ ୨ ହଜାର ୯୯୧ କୋଟି ଟଙ୍କାର ରାଜସ୍ୱ ଆଦାୟ ହେବ । କାର୍ଯ୍ୟକ୍ଷମ ହେଲେ ଖଣିଗୁଡ଼ିକରେ ୪୦ ହଜାର ୫୬୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏଥିସହ ୩ଟିଯାକ କୋଇଲାଖଣିର ପରିଚାଳନା ପାଇଁ ପ୍ରାୟ ୪ ହଜାର ୫୦୦କୋଟି ଟଙ୍କା ବିନିଯୋଗ ହେବ ବୋଲି ନିଷ୍ପତ୍ତି ହୋଇଛି ।

---

# ବାଚସ୍ପତି

ଦୃଷ୍ଟିବାଧିତମାନେ ବର୍ତ୍ତମାନ ରୋଜଗାରକ୍ଷମ ହୋଇ ସମାଜର ମୁଖ୍ୟଧାରାରେ ସାମିଲ ହୋଇପାରୁଛନ୍ତି ବୋଲି ଗତକାଲି ଭୁବନେଶ୍ୱରସ୍ଥିତ ଓଡ଼ିଶା ଲୁଇସ୍ ବ୍ରେଲି ଫାଉଣ୍ଡେସନ ପକ୍ଷରୁ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ବାଚସ୍ପତି କହିଛନ୍ତି ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରି ସମାଜ ପାଇଁ ଆଦର୍ଶ ହୋଇପାରିବେ । ଏହି ଅବସରରେ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୨ଟି ଦୃଷ୍ଟିବାଧିତ ହାଇସ୍କୁଲ୍‌ର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

---

# ନୂଆ ପାଠ୍ୟକ୍ରମ

କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟରେ ୨ଟି ନୂତନ ପାଠ୍ୟକ୍ରମକୁ ପାଠ୍ୟଖସଡ଼ାରେ ସାମିଲ କରାଯାଇଛି । ଚଳିତ ଶିକ୍ଷାବର୍ଷରୁ ଛାତ୍ରଛାତ୍ରୀ ମେକାଟ୍ରୋନିକ୍ସ ଏବଂ ଡିଜିଟାଲ୍ ମ୍ୟାନୁଫାକ୍‌ଚରିଂ ନାମକ

ଦୁଇଟି ନୂଆ ପାଠ୍ୟକ୍ରମରେ ୩୦ଟି ଲେଖାଏଁ ସିଟ୍ ପାଇଁ ନାମ ଲେଖାଇ ପାରିବେ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ହୃଷୀକେଶ ମହାନ୍ତି କହିଛନ୍ତି ।

## ପାଣିପାଗ

ଉତ୍ତର-ପଶ୍ଚିମ ଓ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ତେବେ ଆସନ୍ତା ଶୁକ୍ରବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତି ପ୍ରବଳ ବର୍ଷା ହେବା ନେଇ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।